# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 31 May – 2024

# ସପ୍ତମ ପର୍ଯ୍ୟାୟ ନିର୍ବାଚନ

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆସନ୍ତାକାଲି ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ଭୋଟ ନିଆଯିବ । ଏହି ପର୍ଯ୍ୟାୟରେ ୯୦୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଭୋଟ୍ ହେବ। ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର । ଏହି ସଂସଦୀୟ କ୍ଷେତ୍ରଗୁଡ଼ିକ ପାଇଁ ୬୬ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମୋଟ୍ ୩୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ମୋଟ୍ ୯୯ ଲକ୍ଷ ୬୧ ହଜାର ୫୭ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ମତଦାନ ପାଇଁ ମୋଟ୍ ୧ ହଜାର ୮୮୨ଟି ବୁଥ୍ କରାଯାଇଛି। ଭୋଟ୍‌ଗ୍ରହଣ ପ୍ରକ୍ରିୟାକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ମୋଟ୍ ୧୨୫ କମ୍ପାନୀ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି ।

# ଭିତର ଚନ୍ଦନଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କର ୨୧ ଦିନିଆ ଭିତର ଚନ୍ଦନଯାତ୍ରା ଆଜିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ । ଆସନ୍ତା  ମାସ ୨ ତାରିଖ ରବିବାର ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ୬ ତାରିଖ ଗୁରୁବାର ସାବିତ୍ରୀ ଅମାବାସ୍ୟା, ୧୨ ତାରିଖ ବୁଧବାର ଶୀତଳଷଷ୍ଠୀ ଓ ୧୮ ତାରିଖ ମଙ୍ଗଳବାର ରୁକ୍ମଣୀ ହରଣ ଏକାଦଶୀ ତିଥିରେ ଶ୍ରୀମନ୍ଦିର ପରିସର ମଧ୍ୟରେ ଜଳକ୍ରୀଡ଼ା ମଣ୍ଡପରେ ଠାକୁରଙ୍କର ଜଳକ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହେବ । ଭିତର ଚନ୍ଦନଯାତ୍ରା ଶେଷହେଲେ ଶ୍ରୀଜୀଉମାନଙ୍କର ୪୨ ଦିନିଆ ଚନ୍ଦନ ମହୋତ୍ସବର ସମାପନ ହେବ ।

ଅନ୍ୟପକ୍ଷରେ ହଳଦୀପାଣି ଉତ୍ସବ ସହ ଶ୍ରୀଜୀଉମାନଙ୍କର ୨୧ ଦିନିଆ ବାହାର ଚନ୍ଦନଯାତ୍ରା ଶେଷ ହୋଇଛି । ପରମ୍ପରା ଅନୁସାରେ ଗତକାଲି କେବଳ ଦିନରେ ଚାପଖେଳ ଅନୁଷ୍ଠିତ ହୋଇଥିଲା ।

# ବିମାନ ଚଳାଚଳ

ଭୁବନେଶ୍ୱରରୁ କୁଲାଲାମ୍ପୁରକୁ ସିଧାସଳଖ ବିମାନସେବା ଏୟାର ଏସିଆ ପକ୍ଷରୁ ଆରମ୍ଭ ହୋଇଛି । ସପ୍ତାହର ୩ ଦିନ ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ ବିମାନଟି ଉଭୟ ପକ୍ଷରୁ ଚଳାଚଳ କରିବ । ଟିକଟର ମୂଲ୍ୟ ପ୍ରାୟ ସାଢ଼େ ୫ ହଜାରରୁ ୬ ହଜାର ଥିବା ଜଣାପଡ଼ିଛି । ଏହି ବିମାନ

ସେବା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହେବା ସହିତ ଭାରତ ଓ ମାଲେସିଆ ମଧ୍ୟରେ ଉତ୍ତମ ସଂପର୍କ ବୃଦ୍ଧି ପାଇବ ।

# ବିଶ୍ୱ ତମାଖୁ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟହାନି କାରକ ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଇବା ଉଦ୍ଦେଶ୍ୟ ନେଇ ଆଜି ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତବର୍ଷର ବାର୍ତ୍ତା ରହିଛି **ତମାଖୁ ଶିଳ୍ପର ହସ୍ତକ୍ଷେପରୁ ପିଲାମାନଙ୍କୁ ସୁରକ୍ଷା ଦେବା ।** ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ଦେଖାଦେଇଥାଏ । ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ତମାଖୁର ପ୍ରଭାବ ପଡ଼ିଥାଏ । ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ୧୫ ବର୍ଷରୁ ଅଧିକ ବୟସର ବ୍ୟକ୍ତି ୯୮ ଦଶମିକ ୮ ପ୍ରତିଶତ ତମାଖୁ ସେବନ କରୁଥିବା ବେଳେ ୧୫ରୁ ୪୯ ବର୍ଷ ବୟସର ବ୍ୟକ୍ତି ୯୩ ଦଶମିକ ୧/୪ ପ୍ରତିଶତ ତମାଖୁ ସେବନ କରିଥାନ୍ତି । ରାଜ୍ୟରେ ପ୍ରାୟ ପ୍ରତ୍ୟେକ ବର୍ଷ ୩୦ରୁ ୩୫ ହଜାର ଲୋକ ତମାଖୁ ସେବନ କରି କର୍କଟ ରୋଗର ଶୀକାର ହେଉଛନ୍ତି ।

## ଭଦ୍ରକ-୧୪୪ ଲାଗୁ

ଭଦ୍ରକ ଜିଲ୍ଲାର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଚାନ୍ଦବାଲି, ବାସୁଦେବପୁର, ଭଣ୍ଡାରୀପୋଖରୀ, ଭଦ୍ରକ ଏବଂ ଧାମନଗରରେ ୧ ହଜାର ୩୧୨ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ଆସନ୍ତାକାଲି ମତଦାନ ହେବ । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଏବଂ ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି ।

## କିକ୍ ବକ୍ସିଂ

ମହାରାଷ୍ଟ୍ରର ପୁଣେଠାରେ ଅନୁଷ୍ଠିତ ଜାତୀୟ ଶିଶୁ ଓ କ୍ୟାଡେଟ୍ କିକ୍ ବକ୍ସିଂ ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ୧୦ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୬ଟି କାଂସ୍ୟ ସହ ୩୩ଟି ପଦକ ହାସଲ କରିଛନ୍ତି । ଆମେଚର କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଡାକୁଆଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୫୪ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ।

## ପାଣିପାଗ

ଧାର୍ଯ୍ୟ ସମୟର ୨ ଦିନ ପୂର୍ବରୁ ମୌସୁମୀ ଗତକାଲି କେରଳ ଉପକୂଳ ଛୁଇଁଛି  ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ରେମାଲ୍'ର ପ୍ରଭାବରେ ମୌସୁମୀ ପୂର୍ବରୁ ଆସିଥିବା ଅନୁମାନ କରାଯାଇଛି । ରାଜ୍ୟରେ ମୌସୁମୀ ଆସନ୍ତା ଜୁନ୍ ମାସ ୮ ତାରିଖ ବେଳକୁ ପହଞ୍ଚିବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଅନ୍ୟପକ୍ଷରେ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପଶ୍ଚିମ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଅଂଚଳଗୁଡ଼ିକରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ଗତକାଲି ୪୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ୯ଟି ସ୍ଥାନର ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ବର୍ଷା ଏବଂ ବଜ୍ରପାତ ଯୋଗୁଁ ଗତକାଲି ୩ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ା, ବଲାଙ୍ଗିର, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାର କିଛି ଅଞ୍ଚଳରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

........................................................................